# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**26 June - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ବାଚସ୍ପତି ଭାବେ ଓମ୍ ବିର୍ଲା ନିର୍ବାଚିତ

— ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ବାଚସ୍ପତି ସଂସଦରେ ସମସ୍ତଙ୍କ ମାର୍ଗଦର୍ଶନ କରିବେ; କହିଲେ ପ୍ରଧାନମନ୍ତ୍ରୀ

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ଆଜି ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀଙ୍କୁ କରିବେ ସାକ୍ଷାତ

- ଆଇନ୍ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପୁରୀ ରଥଯାତ୍ରା ସମ୍ପର୍କିତ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ

ଏବଂ

- ନିଶା କାରବାର ଓ ବେଆଇନ୍ ଚାଲାଣକୁ ରୋକିବା ଲାଗି ସଚେତନତା ସୃଷ୍ଟି କରିବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ନିଶା ନିବାରଣ ଦିବସ

## ବାଚସ୍ପତି ନିର୍ବାଚିତ

ଅଷ୍ଟାଦଶ ଲୋକସଭାର ବାଚସ୍ପତି ଭାବେ ଓମ୍ ବିର୍ଲା ନିର୍ବାଚିତ ହୋଇଛନ୍ତି। ବାଚନିକ ଭୋଟ୍‌ରେ ବିରୋଧୀ ମେଣ୍ଟ ପ୍ରାର୍ଥୀ କେ.ସୁରେଶଙ୍କୁ ହରାଇ ସେ ଦ୍ୱିତୀୟ ଥର ପାଇଁ ଏହି ପଦବୀରେ ଆସିନ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନବ ନିର୍ବାଚିତ ବାଚସ୍ପତି ଓମ୍ ବିର୍ଲାଙ୍କୁ ତାଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ପରେ ଏନ୍‌ଡିଏର ବାଚସ୍ପତି ପ୍ରାର୍ଥୀଭାବେ ଓମ୍ ବିର୍ଲାଙ୍କ ନାମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରସ୍ତାବ ରଖିଥିଲେ। ଏହାକୁ ଏନ୍‌ଡିଏର ସହଯୋଗୀ ଦଳ ସମର୍ଥନ କରିଥିଲେ। ଅନ୍ୟପକ୍ଷରେ ଇଣ୍ଡି ମେଣ୍ଟ ପକ୍ଷରୁ କେ.ସୁରେଶଙ୍କ ନାମ ବାଚସ୍ପତି ଭାବେ ପ୍ରସ୍ତାବ ରଖାଯାଇଥିଲା। ତେବେ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ଧ୍ୱନିମତ ସଂଗ୍ରହ କରିଥିଲେ। ଏହାପରେ ବାଚନିକ ଭୋଟ୍‌ରେ ଓମ୍ ବିର୍ଲା ବିଜୟୀ ହୋଇଥିବା ଶ୍ରୀ ମହତାବ ଘୋଷଣା କରିଥିଲେ। ଓମ୍ ବିର୍ଲା ଦ୍ୱିତୀୟ ଥର ପାଇଁ ବାଚସ୍ପତି ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଶ୍ରୀ ବିର୍ଲା ସଂସଦରେ ସମସ୍ତଙ୍କ ମାର୍ଗଦର୍ଶନ କରିବେ। ପୂର୍ବରୁ କଂଗ୍ରେସ ଶାସନ ସମୟରେ ଲୋକସଭାରେ ବଳରାମ ଝାକର ତାଙ୍କର ୫ ବର୍ଷ କାର୍ଯ୍ୟ ସମାପ୍ତ କରିବା

ପରେ ତାଙ୍କୁ ପୁଣି ଥରେ ବାଚସ୍ପତି ଦାୟିତ୍ୱ ମିଳିଥିଲା । କ୍ରମାଗତ ଭାବେ ଶ୍ରୀ ବିର୍ଲା ଏହି ସୁଯୋଗ ପାଇ ଇତିହାସ ସୃଷ୍ଟି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିପରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ଓମ୍ ବିର୍ଲାଙ୍କୁ ପୁଣି ଥରେ ବାଚସ୍ପତି ହୋଇଥିବା ନେଇ ଶୁଭେଚ୍ଛା ଜଣାଇଛନ୍ତି ।

ଲୋକସଭା ବାଚସ୍ପତି ଭାବେ ଓମ୍ ବିର୍ଲା ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମାଝୀ କହିଛନ୍ତି, ଶ୍ରୀ ବିର୍ଲାଙ୍କ ମାର୍ଗଦର୍ଶନରେ ଲୋକସଭା ଗଣତାନ୍ତ୍ରିକ ସିଦ୍ଧାନ୍ତକୁ ବଜାୟ ରଖିବାରେ ନୂତନ ଉଚ୍ଚତାରେ ପହଞ୍ଚି ପାରିବ ।

ସୂଚନାଯୋଗ୍ୟ, ଲୋକସଭାରେ ଚଳିତ ନିର୍ବାଚନକୁ ମିଶାଇ ଚତୁର୍ଥ ଥର ପାଇଁ ବାଚସ୍ପତି ପଦ ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ୧୯୫୨, ୧୯୬୭ ଓ ୧୯୭୬ରେ ବାଚସ୍ପତି ପଦ ଲାଗି ନିର୍ବାଚନ କରାଯାଇଥିଲା । ଓମ୍ ବିର୍ଲା ରାଜସ୍ଥାନର କୋଟା ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ଚଳିତ ଥରକୁ ମିଶାଇ ଶ୍ରୀ ବିର୍ଲା ୩ ଥର ସାଂସଦ ଭାବେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି ।

## ମୁଖ୍ୟମନ୍ତ୍ରୀ–ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ସହିତ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡା ମଧ୍ୟ ଦିଲ୍ଲୀ ଗସ୍ତ କରିବେ । ଦିଲ୍ଲୀ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

## ରଥଯାତ୍ରା-ଦ୍ୱିତୀୟ ବୈଠକ

ପୁରୀ ଟାଉନ୍‌ହଲ୍ ଠାରେ ଆଜି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ପାଇଁ ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥ ନିର୍ମାଣ, ଆଇନ୍ ଶୃଙ୍ଖଳା, ସ୍ୱାସ୍ଥ୍ୟ ଓ ପରିମଳ, ଗମନାଗମନ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁପରିଚାଳନା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟସଭା ସଦସ୍ୟ ସୁଭାଶିଷ୍ ଖୁଣ୍ଟିଆ, ଉନୟନ କମିଶନର ଅନୁ ଗର୍ଗ, ପୁରୀ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ସେବାୟତମାନେ ଉପସ୍ଥିତ ଥିଲେ।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ସଂସଦୀୟ କ୍ଷେତ୍ରର ବିକାଶ ଯୋଜନା ଏବଂ ଏମ୍‌ପି ଲାଡ୍ କାର୍ଯ୍ୟକ୍ରମ ପାଇଁ ସମ୍ବଲପୁରକୁ ନୋଡାଲ୍ ଜିଲ୍ଲା ଭାବେ ଚୟନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ପତ୍ର ଜରିଆରେ ଏହି ସମ୍ପର୍କରେ ଅବଗତ କରାଯାଇଛି। ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧିନରେ ଅନୁଗୁଳ ଓ ଦେବଗଡ଼ ଜିଲ୍ଲା ରହିଛି। ସୂଚନାଯୋଗ୍ୟ, ଏମ୍‌ପି ଲାଡ୍ ହେଉଛି କେନ୍ଦ୍ର ସରକାରଙ୍କର ଏକ ଯୋଜନା। ସାଂସଦମାନଙ୍କୁ ସେମାନଙ୍କର ଅଂଚଳର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସରକାର ଅର୍ଥ ଦେଇଥାନ୍ତି। ଏହି ଯୋଜନାରେ ପାନୀୟ ଜଳ, ପ୍ରାଥମିକ

ଶିକ୍ଷା, ସାର୍ବଜନୀନ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ସଡକ ଭିତ୍ତିଭୂମି ସହିତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଇଥାଏ।

# ନିଶା ନିବାରଣ ଦିବସ

ବିଶ୍ୱ ନିଶା ନିବାରଣ ଦିବସ ଆଜି ପାଳନ କରାଯାଉଛି । ନିଶା କାରବାର ଓ ବେଆଇନ୍ ଚାଲାଣକୁ ରୋକିବା ଲାଗି  ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ନିଶା ନିବାରଣ ଦିବସ ଆଜି ପାଳନ କରାଯାଉଛି ।

ସମାଜର ସବୁ ସ୍ତରରେ ଏଥିଲାଗି ସକ୍ରିୟ ଉଦ୍ୟମ ଜାରି ରହିଲେ ଡ୍ରଗ୍ସ ବିରୋଧରେ ଯୁବ ସମାଜକୁ ସଶକ୍ତ ଓ ସଚେତନ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି ।

**ସ୍ୱାସ୍ଥ୍ୟମନ୍ତ୍ରୀ** ମୁକେଶ ମହାଲିଙ୍ଗ ସାମାଜିକ ଗଣମାଧ୍ୟମରେ ନିଶା ଅପବ୍ୟବହାର ରୋକିବାକୁ ନିବେଦନ କରିଛନ୍ତି। ଏକ ସୁସ୍ଥ ଓ ଉନ୍ନତ ଭବିଷ୍ୟତ ଗଠନ ପାଇଁ ନିଶାଠାରୁ ଦୂରେଇ ରହିବା ଲାଗି ସମସ୍ତେ ସଂକଳ୍ପ ନେବା ଉଚିତ୍ ବୋଲି କହିଛନ୍ତି।

**ଦେବଗଡ଼** ଜିଲ୍ଲା ସାମାଜିକ ସୁରକ୍ଷା ଓ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ନିଶା ସେବନ ଓ ବେଆଇନ୍ ଚାଲାଣ ବିରୋଧରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ତର୍ଜାତୀୟ ନିଶା ସେବନ ଓ ବେଆଇନ୍ ଚାଲାଣ ବିରୋଧରେ ବକ୍ତାମାନେ ଆଲୋକପାତ କରିଥିଲେ।

**ଭଦ୍ରକ** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନଗର ପରିକ୍ରମା କରି ନିଶାମୁକ୍ତ ଭାରତ ଅଭିଯାନରେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା।

ଅନୁରୂପ ଭାବେ **କଟକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଅବକାରୀ ବିଭାଗର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ନିଶା ନିବାରଣ ଓ ବେଆଇନ୍ ଚାଲାଣ ନିରୋଧୀ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଅରିନ୍ଦମ ଡାକୁଆ ଅଧ୍ୟକ୍ଷତା କରି ନିଜର ସୃଜନଶୀଳତା ବୃଦ୍ଧି କରିବା ଭଳି କୌଣସି ନିଶା ବା ହବି ଆପଣାଇବାକୁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ନିଶା କବଳରୁ ନିଜକୁ ମୁକ୍ତ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷମାନେ ସେମାନଙ୍କର ଅଙ୍ଗେନିଭା କାହାଣୀ ବର୍ଣ୍ଣନା କରିଥିଲେ।

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦିବସ ପାଳନ କରାଯାଇଛି। ଜିଲ୍ଲା ଅବକାରୀ ବିଭାଗ, ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗ ସହଯୋଗରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସଚେତନତା ସଭାରେ ନିଶା ସେବନ ଦ୍ୱାରା ସାମାଜିକ ଓ ଆର୍ଥିକ ବ୍ୟବସ୍ଥାରେ ଅସଙ୍ଗତି ବଢୁଥିବା କାରଣରୁ ନିଶାଦ୍ରବ୍ୟ ସେବନ ଏବଂ ବେଆଇନ୍ କାରବାରରୁ ନିବୃତ୍ତ ରହିବାକୁ ଆହ୍ୱାନ ଦିଆଯାଇଛି।

**ଢେଙ୍କାନାଳ** ଜିଲ୍ଲାରେ ଅନ୍ତର୍ଜାତୀୟ ନିଶା କାରବାର ଓ ବେଆଇନ୍ ଚାଲାଣ ନିରୋଧ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ, ସାମାଜିକ କଲ୍ୟାଣ ବିଭାଗ, ବ୍ରହ୍ମକୁମାରୀ ସଂସ୍ଥା ଓ ଅବକାରୀ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହାକୁ ରୋକିବା ଲାଗି ଆଇନ୍‌କୁ କଡାକଡି ଭାବେ ଲାଗୁ କରିବା ଆବଶ୍ୟକ ବୋଲି ବକ୍ତାମାନେ କହିଛନ୍ତି ।

**ଗଞ୍ଜାମ** ଜିଲ୍ଲା ଛତ୍ରପୁରଠାରେ ଅନ୍ତର୍ଜାତୀୟ ନିଶା ନିବାରଣ ଓ ବେଆଇନ ଚାଲାଣ ବିରୋଧୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ନିଶା ନିବାରଣ ଓ ବେଆଇନ ଚାଲାଣ ବିରୋଧୀ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରି ସଚେତନତା ସୃଷ୍ଟି କରାଯାଇଥିଲା ।

## ମକ୍ ଡ୍ରିଲ୍

**ନବରଙ୍ଗପୁର** ଜିଲ୍ଲା ଡାବୁଗାଁ ବ୍ଲକ୍ ସଦରସ୍ଥିତ କୋଇଲାରି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗ୍ନିଶମ ସଂସ୍ଥା ପକ୍ଷରୁ ମକ୍ ଡ୍ରିଲ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି । ଗଭୀର ଜଳ ମଧ୍ୟରୁ ବ୍ୟକ୍ତିଙ୍କୁ ଉଦ୍ଧାର କରିବା କୌଶଳ, ରାସ୍ତାରେ ଗଛ ପଡିଥିଲେ ଯନ୍ତ୍ର ସାହାଯ୍ୟରେ ଗଛ କାଟିବା, ଜଳୁଥିବା ଗ୍ୟାସ୍, ଘରେ ନିଆଁ ଲାଗିଥିଲେ ତାହାକୁ ଲିଭାଇବା ପ୍ରଣାଳୀ, ଅଳ୍ପ ନିଆଁ ଲାଗି ଥିଲେ ତାହାକୁ ଆୟତ୍ତ କରିବା କୌଶଳ, ଛାତ ଉପରୁ ସଂଜ୍ଞାହୀନଙ୍କୁ ଉଦ୍ଧାର, ବନ୍ୟା, ବାତ୍ୟା, ଦୁର୍ଘଟଣା ଘଟିଥିବା ସ୍ଥାନରୁ ସହଜ ଉପାୟରେ ଆହତଙ୍କୁ ଉଦ୍ଧାର ଆଦି କୌଶଳ

ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଯାଇଥିଲା । ମୁଖ୍ୟ ଆଗ୍ନିକ ଉପେନ୍ଦ୍ର ମହାରଣା ଓ ଅନ୍ୟ ଅଧିକାରୀମାନେ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ ।

*********************************